# Akashvani, Sambalpur

## SAMBALPURI NEWS BULLETIN

### 3 July 2024- 6.47- 6.52 am.

**************************************************

ଲୋକ୍‌ସଭା ଅଧିବେଶନ୍ ଆର୍‌ଏନ୍‌ୟୁ /ସମ୍ବଲପୁର

୧୮ ନମ୍ବର୍ ଲୋକ୍‌ସଭାର୍ ପହେଲା ଅଧିବେଶନ୍ ଶେଷ୍ ହେଇଛେ । ବାଚସ୍ପତି ଓମ୍ ବିର୍ଲା ଗୃହକେ ଗଲାକାଏଲ୍‌ଠାନୁ ଅନିର୍ଦ୍ଦିଷ୍ଟ ସମିଆତକ୍ ମୁଲ୍‌ତବୀ ଘୋଷ୍‌ନା କରିଛନ୍ । ଇ ଅଧିବେଶନ୍‌ଥି ନୂଆଁକରି ନିର୍ବାଚିତ ହେଇଥିବା ୫ ଶହ ୩୯ ଝନ୍ ସଦସ୍ୟ ପଦ ଆଉ ଗୋପନୀୟତାର୍ ଶପଥ୍ ପାଠ୍ କରିଛନ୍ ବଲି ବାଚସ୍ପତି କହିଛନ୍ । ଶ୍ରୀ ବିର୍ଲା କହିଛନ୍ ଯେ, ଗଲା ୨୭ ତାରିଖ୍ ଦିନ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦୁହି ଗୃହକେ ସମ୍ବୋଧନ୍ କରିଥିଲେ । ରାଷ୍ଟ୍ରପତିଙ୍କର୍ ଅଭିଭାଷଣ୍ ଉତ୍‌ରୁ ଧନ୍ୟବାଦ ପ୍ରସ୍ତାବ୍ ଉପ୍‌ରେ ଗୃହ ନ ୧୮ ଘଂଟାନୁ ଅଏତ୍‌କା ସମିଆ ଧରିକରି ଆଲୋଚନା ହେଇଥିଲା । ଇଥି ୬୮ ଝନ୍ ସଦସ୍ୟ ଭାଗ୍ ନେଇଥିଲେ । ସେ ଆହୁରି କହିଛନ୍ ଯେ, ରାହୁଲ୍ ଗାନ୍ଧୀଙ୍କୁ ବିରୋଧୀ ଦଲର୍ ନେତା ଭାବେ ନିଯୁକ୍ତ କରାଯାଇଛେ । ସେନ୍ତା

କାମଚଲା ବାଚସ୍ପତି ଭାବେ ଗୃହକେ ସୁରୁଖୁରୁଥି ପରିଚାଲନା କର୍‌ବାର୍ ସହେତେ ସଦସ୍ୟମାନ୍‌କର୍ ଶପଥ୍ ପାଠ୍ ଆର୍ ବାଚସ୍ପତି ନିର୍ବାଚନ୍‌କେ ସୁରୁଖୁରୁଥି ସାରିଥିବାର୍‌ନୁ ଶ୍ରୀ ବିର୍ଲା ସାଂସଦ୍ ଭର୍ତ୍ତୃହରି ମହତାବ୍‌ଙ୍କୁ କୃତଜ୍ଞତା ଜନେଇଛନ୍ । ଗଲାକାଏଲ୍ ରାଷ୍ଟ୍ରପତିଙ୍କର୍ ଅଭିଭାଷଣ୍ ଉପ୍‌ରେ ଧନ୍ୟବାଦ୍ ପ୍ରସ୍ତାବ୍ ଆଲୋଚନାଥି ପ୍ରଧାନ୍‌ମନ୍ତ୍ରୀଙ୍କର୍ ଉତର୍ ରଖିବାର୍ ଉତ୍‌ରୁ ଇ ଅଧିବେଶନ୍ ଶେଷ୍ ହେଇଛେ ବଲି ବାଚସ୍ପତି ଶ୍ରୀ ବିର୍ଲା କହିଛନ୍ । ଇନ ଜନେଇ ଦିଆଯାଇପାରେ ଯେ, ଗଲା ୨୪ ତାରିଖ୍‌ନୁ ଲୋକ୍‌ସଭାର୍ ଅଧିବେଶନ୍ ମୁଲ୍ ହେଇଥିଲା ।

ସିଟିଇଟି -୨୦୨୪ ଆର୍‌ଏନ୍‌ୟୁ / ସମ୍ବଲପୁର

ଏକକ ପିଜି ପ୍ରବେଶିକା ପରୀକ୍ଷା - ସିଟିଇଟି -୨୦୨୪ ଆଏଜ୍‌ଠାନୁ ମୁଲ୍ ହେଉଛେ । ୩ ଟା ସିଟିଂଥି ପରୀକ୍ଷା କରାଯିବା । ସଖାଲ୍‌ବେଲା ୧୦ ନୁ ୧୧ ବଜେତକ୍ ପହେଲା ସିଟିଂ, ଦିନ୍‌ବେଲା ସାଢ଼େ ୧୨ ନୁ ଦେଢ଼୍ ବଜେତକ୍ ଦୁଇ ନମ୍ବର୍ ସିଟିଂ ଆର୍ ଉପର୍‌ବେଲା ୩ ନୁ ୪ ବଜେତକ୍ ୩ ନମ୍ବର୍ ସିଟିଂ ଥି ପରୀକ୍ଷା ହେବା । ଭିନ୍ନକ୍ଷମ ବର୍ଗର୍ ଶିକ୍ଷାର୍ଥୀମାନ୍‌କୁ ପରୀକ୍ଷା ଲାଗି ଅଏତ୍‌କା ୨୦ ମିନିଟ୍ ଦିଆଯିବା ବଲି ସୂଚ୍‌ନା ମିଲିଛେ ।

ଚଲ୍ତି ବଛର୍ ଶହେ ୧୨ ଟା ଉଚ୍ଚ ଶିକ୍ଷାନୁଷ୍ଠାନ୍‌ଥି ୨୮ ହଜାର୍ ୯ ଶହ ୬ ଟା ସିଟ୍‌ଥି ନାଁଲେଖା ହେବା । ଇଥିର୍‌ଲାଗି ରାଜ୍ୟର୍ ୬୨ ହଜାର୍ ୫ ଶହ ୪୪ ଝନ୍ ଛାତ୍ରଛାତ୍ରୀ ଆବେଦନ୍ କରିଛନ୍ । ନାଁଲେଖା ଲାଗି ଷ୍ଟେଟ୍ ସିଲେକ୍ସନ୍ ବୋର୍ଡ଼ ପ୍ରବେଶିକା ପରୀକ୍ଷା କରୁଛନ୍ । ଆଏବା ୧୩ ତାରିକ୍‌ତକ୍ ଇ ପରୀକ୍ଷା ଚାଲ୍‌ବା ।

ଏଫ୍‌ସିଆଇ ଅଧିକାରୀ ଗିରଫ୍ ଆର୍‌ଏନ୍‌ୟୁ /ସମ୍ବଲପୁର

କୋଲ୍‌କାତାର୍ ଗୁଟେ ଘରୋଇ ଫାର୍ମକେ ଚାଉଲ୍ ପରିବହନ୍ କର୍‌ବାର୍‌କେ ନେଇକରି ଠିକା ଦେବାର୍ ଲାଗି ଲାଖେ ଟଙ୍କାର୍ ଲାଂଚ୍ କାର୍‌ବାର୍ ଅଭିଯୋଗ୍‌ଥି କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ-ସିବିଆଇ ଭାରତୀୟ ଖାଦ୍ୟ ନିଗମ୍‌ର ଝନେ ମହାପ୍ରବନ୍ଧକ୍‌ଙ୍କର୍ ସହେତେ ୪ ଝନ୍‌କୁ ଗିରଫ୍ କରିଛେ । ସେମାନେ ହେଲେ ଭୁବ୍‌ନେଶ୍ୱର୍‌ର ଏଫ୍‌ସିଆଇର ଓଡ଼ିଶା କ୍ଷେତ୍ର ମହାପ୍ରବନ୍ଧକ, ଏକାଉଂଟ୍ ମେନେଜର୍, କୋଲ୍‌କାତାର୍ ଗୁଟେ ଘରୋଇ ସଂସ୍ଥାର୍ ମାଲିକ୍ ଆର୍ ଝନେ ମଧ୍ୟସ୍ଥି ।

ଭାରତୀୟ ରେଲ୍‌ବାଇ-ମାଲ୍ ପରିବହନ୍ ଆର୍‌ଏନ୍‌ୟୁ /ସମ୍ବଲପୁର

ଭାରତୀୟ ରେଲ୍‌ବାଇ ମାଲ୍ ପରିବହନ୍ କ୍ଷେତ୍ରୁ ଗଲା ଜୁନ୍ ମାସେ ୧୪ ହଜାର୍ ୭ ଶହ ୯୮ କୋଟି ଟଙ୍କା ଆୟ କରିଛେ । ଯେନ୍‌ଟାକି ଗଲା ବଛର୍‌ର ଜୁନ୍ ମାସ ତୁଲ୍‌ନାରୁ ୧୧ ପ୍ରତିଶତ୍ ଅଏତ୍‌କା ଆଏ । ରେଲ୍‌ମନ୍ତ୍ରଣାଲୟ ତର୍‌ଫୁ କୁହାଯାଇଛେ ଯେ, ଗଲା ଜୁନ୍ ମାସେ ଶହେ ୩୫ ମିଲିୟନ୍ ଟନ୍ ମାଲ୍‌ପରିବହନ୍ କରାଯାଇଛେ । ଇରୁ ୬୦ ମିଲିୟନ୍ ଟନ୍ କୁଇଲା, ୧୫ ମିଲିୟନ୍ ଟନ୍‌ନୁ ଅଏତ୍‌କା ଆଇରନ୍, ୭ ମିଲିୟନ୍ ଟନ୍ ସିମେଂଟ୍, ୪ ମିଲିୟନ୍ ଟନ୍‌ନୁ ଅଏତ୍‌କା ଖାଦ୍ୟଶସ୍ୟ ପରିବହନ୍ କରାଯାଇଛେ ବଲି ରେଲ୍‌ବାଇ ତର୍‌ଫୁ ସୂଚ୍‌ନା ମିଲିଛେ ।

ଜଙ୍ଗଲ୍ ବିଭାଗ- ଚାରା ଗଛ୍ ଆର୍‌ଏନ୍‌ୟୁ /ସମ୍ବଲପୁର

ରାଏଜେ ଅଏତ୍‌କା ଜଙ୍ଗଲ୍ ସୃଷ୍ଟି କର୍‌ବାର୍ ଲକ୍ଷ୍ୟ ନେଇକରି ଜଙ୍ଗଲ୍ ବିଭାଗ୍ ତର୍‌ଫୁ ଇ ବଛର୍ ବହୁତ୍‌ଟେ ଚାରା ଗଛ୍ ଲଗାବାର୍‌କେ ପଦକ୍ଷେପ୍ ନିଆଯାଉଛେ । ରାଜ୍ୟର୍ ଭିନ୍ ଭିନ୍ ବନଖଣ୍ଡ ଇଲାକା ନ ୨ କୋଟି ୫୦ ଲାଖ୍‌ର ଭିନ୍ ଭିନ୍ କିସମ୍‌ର ଚାରା ଗଛ୍ ଲଗାଯିବା । ଇତାର୍‌ସହେତେ ଭିନ୍ ଭିନ୍ ସଂଗଠନ୍ ଆର୍ ଲୋକ୍‌ମାନ୍‌କୁ ୨ କୋଟି ୭୦ ଲାଖ୍ ଚାରା ବଂଟାଯିବା ବଲି

ମୁଖ୍ୟ ବନସଂରକ୍ଷକ ଦେବୀଦତ ବିଶ୍ୱାଲ୍ କହିଛନ୍ । ସେ କହିଛନ୍ ଯେ, ଚାରା ଗଛ୍ ମାନ୍ ମାହାଲିଆ ଦିଆଯିବା । ଇଥିର୍‌ଲାଗି ଭିନ୍ ଭିନ୍ ସଂସ୍ଥା ଆର୍ ସଂଗଠନ୍ ତର୍‌ଫୁ ଜଙ୍ଗଲ୍ ବିଭାଗ୍‌କେ ଆବେଦନ୍ କର୍‌ବାର୍‌କେ ପଡ଼୍‌ବା ।

ଇଗ୍ନୋ ନାଁଲେଖା ଆର୍‌ଏନ୍‌ୟୁ / ସମ୍ବଲପୁର

ଇନ୍ଦିରାଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟ - ଇଗ୍ନୋଥି ଚଲ୍‌ତି ବଛର୍ ନାଁଲେଖା ସମିଆ ବଢ଼ାଯାଇଛେ । ଆଘୋନୁ ଆବେଦନ୍‌ର ଶେଷ୍ ତାରିଖ୍ ଜୁନ୍ ୩୦ ତାରିଖ୍‌ତକ୍ ଥିବାର୍ ବେଲେ ଇଟାକେ ଆଏବା ୧୫ ତାରିଖ୍‌ତକ୍ ବଢ଼ାଯାଇଛେ । ଆଶାୟୀ ଛାତ୍ରଛାତ୍ରୀମାନେ ଇଗ୍ନୋ ୱେବ୍‌ସାଇଟ୍‌କେ ଯାଇକରି ନାଁଲେଖା ଲାଗି ଆବେଦନ୍ କରିପାର୍‌ବେ । ଇଥି ସ୍ନାତକ, ସ୍ନାତକୋତର୍, ସ୍ନାତକୋତର୍ ଡିପ୍ଲୋମା ଆର୍ ସାର୍ଟିଫିକେଟ୍ ପ୍ରୋଗ୍ରାମ୍‌ର ଭିନ୍ ଭିନ୍ ପାଠ୍ରକ୍ରମ୍‌ଥି ନାଁଲେଖାଯାଇପାର୍‌ବା । ଚଲତି ବଛର୍ ୫ ଟା ଏମ୍‌ଏସ୍‌ସି ଆର୍ ଗୁଟେ ବିଏସ୍‌ସି ବିଭାଗ୍ ଖୁଲାଯାଇଛେ । ସ୍ନାତକ ପଢ଼୍‌ବାର୍ ଲାଗି ଅନୁସୂଚିତ ଜାତି ଆଉ ଜନଜାତି ପିଲାମାନ୍‌କର୍ ନାଁଲେଖା ଆର୍ ଫେରଘାଏ ପଞ୍ଜିକରଣ୍ କରୁଥିବା ଫି'କେ ଛାଡ଼୍ କରାଯାଇଛେ ।

ରାଜ୍ୟ ସର୍କାର୍ -ବ୍ୟକ୍ତିଗତ ସଚିବ ଆର୍ଏନ୍ୟୁ /ସମ୍ବଲପୁର

ରାଜ୍ୟ ସର୍କାର୍ ଭିନ୍ ଭିନ୍ ମନ୍ତ୍ରୀଙ୍କର୍ ବ୍ୟକ୍ତିଗତ ସଚିବ ଆର୍ ଓଏସ୍ଡି ଭାବେ ୭ ଝନ୍ ଓଏଏସ୍ ଅଧିକାରୀଙ୍କୁ ନିଯୁକ୍ତି ଦେଇଛନ୍ । ସାଧାରଣ୍ ପ୍ରଶାସନ୍ ଆର୍ ସାଧାରଣ୍ ଅଭିଯୋଗ୍ ବିଭାଗ୍ ତର୍ଫୁ ଜାରି ହେଇଥିବା ବିଜ୍ଞପ୍ତି ଅନ୍ସାରେ କୃଷି ବିଭାଗ୍ର ଅତିରିକ୍ତ ସଚିବ ଭାବେ କାମ୍ କରୁଥିବା ପ୍ରଦୀପ୍ କୁମାର୍ ସାହୁଙ୍କୁ ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଲନା ବିଭାଗ୍ ମନ୍ତ୍ରୀଙ୍କର୍ ବ୍ୟକ୍ତିଗତ ସଚିବ ଭାବେ ନିଯୁକ୍ତି ଦିଆଯାଇଛେ ।

ଅନ୍ତର୍ଜାତୀୟ ପ୍ଲାଷ୍ଟିକ୍ ବେଗ୍ ମୁକ୍ତ ଦିବସ

ଆର୍ଏନ୍ୟୁ /ସମ୍ବଲପୁର

ଆଏଜ୍ ହେଉଛେ ଅନ୍ତର୍ଜାତୀୟ ପ୍ଲାଷ୍ଟିକ୍ ବେଗ୍ ମୁକ୍ତ ଦିବସ୍ । ଫି’ ବଛର୍ ଜୁଲାଇ ମାସ ୩ ତାରିଖ୍କେ ବିଶ୍ୱସ୍ତର୍ଥି ଇ ଦିବସ୍ ପାଲନ୍ କରାଯାଉଛେ । ଇ ଦିବସ୍ ଅବ୍ସରେ ପ୍ଲାଷ୍ଟିକ୍ ବେଭାର୍ର କୁ ପ୍ରଭାବ୍ ବାବ୍ଦେ ଲୁକ୍କୁ ଅବଗତ କରାଯିବାର୍ ସହେତେ ପ୍ଲାଷ୍ଟିକ୍

ବେଗ୍ ବର୍ଜନ୍ ଲାଗି ସଚେତନ୍ କରାଯାଏସି । ୨୦୦୨ ମସିହାଥି ବଙ୍ଗଲାଦେଶ୍ ପୁର୍‌ଥିର୍ ପହେଲା ଦେଶ୍ ଭାବେ ପ୍ଲାଷ୍ଟିକ୍ ବେଗ୍‌ର ବେଭାର୍ ନିଷେଧ୍ କରିଥିଲା । ଇତାର୍ ଉତ୍‌ରୁ ଭାରତ୍ ସହେତେ ବହୁତ୍‌ଟେ ଦେଶ୍ ପ୍ଲାଷ୍ଟିକ୍ ବେଗ୍ ଉପ୍‌ରେ ପ୍ରତିବନ୍ଧକ୍ ଲଗେଇଛନ୍ । ଇ ଦିବସ୍ ପାଳନ୍ କର୍‌ବାର୍ ମୁଖ୍ୟ ଉଦ୍ଦେଶ୍ ହେଉଛେ ପ୍ଲାଷ୍ଟିକ୍ ବେଗ୍‌ନୁ ସମାଜ୍‌କେ ଦୂରେଇ ରଖ୍‌ବାର୍ ।

ପାଣିପାଗ ଆର୍‌ଏନ୍‌ୟୁ / ସମ୍ବଲପୁର

ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ରାଏଜେ ସକ୍ରିୟ ରହିଛେ । ଇତାର୍ ପ୍ରଭାବ୍‌ଥି ରାଜ୍ୟର୍ କେତେ ଜାଗା ନ ବିଜ୍‌ଲି ଆର୍ ଧୁକାଧନ୍ଦି ସହେତେ ହାଲ୍‌କା ନୁ ମଧ୍ୟମ୍ ଧରଣ୍‌ର ବର୍ଷା ହେଉଛେ । ଆଏବା ୬ ତାରିଖ୍‌ଆଡ଼େ ବର୍ଷାର୍ ପରିମାଣ୍ ବଢ଼୍‌ବା ବଲି ଆଂଚଳିକ୍ ପାଣିପାଗ କେନ୍ଦ୍ର ଭୁବ୍‌ନେଶ୍ୱର୍ ତର୍‌ଫୁ ସୂଚ୍‌ନା ମିଳିଛେ ।